
ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ତ୍ରୈମାସିକ ସମ୍ବାଦ ପତ୍ରିକା



ଏବେଠୁଁ ଯଦି
ମଦଦୋକାନ ବନ୍ଦ ନ ହେବ
[illegible]
ଆଗାମୀ ଦିନରେ ଏ 'ମଦ'
ପ୍ରତିଟି ପରିବାରକୁ ଜଳେଇବ

# ନିଶାମୁକ୍ତି ସଂଗ୍ରାମ

# NISHAMUKTI SANGRAM





ଦ୍ୱିତୀୟ ବର୍ଷ | ସଂଖ୍ୟା - ୧୨ | ଅକ୍ଟୋବର-ଡିସେମ୍ବର ୨୦୨୨ | ଭୁବନେଶ୍ୱର | ପୃଷ୍ଠା - ୪ | ମୂଲ୍ୟ - ୫


VOLUME - 2 | ISSUE - 12 | Oct.-Dec. 2022 | BHUBANESWAR | 4 PAGES | PRICE : Rs.5.00

## ସଂପାଦକୀୟ

# ମଦମୁକ୍ତ ଓଡ଼ିଶା ହିଁ ମହିଳା ସଶକ୍ତିକରଣର ଚାବିକାଠି



ନାରୀମାନଙ୍କ ଭୋଟକୁ ହାତେଇବା ଲାଗି ବିଜେଡି ଓ ବି.ଜେ.ପି ନାନା ସୁଯୋଗକୁ ବ୍ୟବହାର କରିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା ଚଳାଇଛନ୍ତି । ରାଜ୍ୟ ସରକାର ତଥା କେନ୍ଦ୍ର ସରକାର ଏଥିଲାଗି ନାମ କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କ ମନ ଜିଣିବା ପାଇଁ ପ୍ରଚାରରେ ଶତମୁଖ । ସମ୍ପ୍ରତି ଓ ବିଭିନ୍ନ କ୍ଷମତାରେ ସେମାନଙ୍କୁ ଅଂଶୀଦାର କରିବା ପାଇଁ ଆଇନମାନ ପ୍ରଣୟନ କରାଯାଉଛି । ଏସବୁ ସତ୍ତ୍ୱେ ନାରୀ ଯେଉଁଥି ଯୋଗୁ ଆଜି ନିର୍ଯ୍ୟାତିତ ଓ ନିସହାୟ ସେ ଦିଗରେ ସେମାନେ ସମ୍ପୂର୍ଣ୍ଣ ନିରବ । ସେମାନେ ଭଲ ଭାବରେ ଜାଣନ୍ତି ଯେ ମଦ୍ୟପ ସ୍ୱାମୀ ସହିତ ନାରୀଟିଏ ଗୋଟିଏ ରାତି କଟାଇବା ଯନ୍ତ୍ରଣାଦାୟକ । ସରକାର ମହିଳାମାନଙ୍କ ସଶକ୍ତିକରଣ ଦିଗରେ ଯେଉଁ ଅର୍ଥ ବିନାସୁଧରେ ଦେଉଛନ୍ତି, ତହିଁରୁ ଅଧିକାଂଶ ମଦୁଆ ସ୍ୱାମୀଙ୍କ ମଦ ଖର୍ଚ୍ଚରେ ଯାଏ । ଏ ଦିଗରେ ଅସମ୍ମତ ହେଲେ ମାଡ଼, ଏପରିକି ମୃତ୍ୟୁର ଆଶଙ୍କା । ସରକାର ଯେତେ ମଦ ବିକ୍ରି ବଢାଇ ଚାଲିଛନ୍ତି, ମା' ଭଉଣୀମାନଙ୍କର ଯନ୍ତ୍ରଣା ସେତେ ବଢିଚାଲିଛି; ଶାନ୍ତିରେ ଶୋଇବା ତ ଅସମ୍ଭବ ଆଉ ପାଟି ଖୋଲିବା ତ ଅଚିନ୍ତନୀୟ । କିନ୍ତୁ ରାଜ୍ୟର ଦୁଇ ବଡ ଦଳ ଏସବୁ ଜାଣି ମଧ ଏ ଦିଗରେ ସମ୍ପୂର୍ଣ୍ଣ ନୀରବ । ଏହାର କାରଣ ପ୍ରାୟ ମଦର ବନ୍ୟା ଯେଭଳି ମାଡିଚାଲିଛି ତାହାକୁ ରୋକିବା ଅସମ୍ଭବ ବୋଲି ସେମାନେ ଅନୁଭବ କରୁଛନ୍ତି । ଅନ୍ୟ ପକ୍ଷରେ ମଦ ନଦେଲେ ଟୋକାଙ୍କୁ ରୋଡ଼ ଶୋରେ ନଚାଇ ହେବ ନାହିଁ ଓ ଭୋଟ ଲଢେଇରେ ବଳ ଦେଖାଇ ଦଳର ଶକ୍ତି ପ୍ରଦର୍ଶନ କରାଇ ହେବ ନାହିଁ ଏବଂ ଶସ୍ତାରେ ଭୋଟ ହାସଲ କରି ହେବ ନାହିଁ । ଏଣୁ ମଦ ଅଡୁଆକୁ ଆଡେଇ ଦେଇ ସରଳମତୀ ନାରୀମାନଙ୍କୁ ଛୋଟ ଛୋଟ ଲୋଭ ଦେଖାଇ ଏକ ବିରାଟ ଭୋଟ-ବ୍ୟାଙ୍କ ଦଖଲ ଲାଗି ବଡ଼ ବଡ଼ ଦଳ ବ୍ୟସ୍ତ । ଏଣୁ ମହିଳା ସଶକ୍ତିକରଣ ଲାଗି କାହାର ଅନୁଗ୍ରହ ଉପରେ ନିର୍ଭର ନକରି ମହିଳାମାନଙ୍କୁ ନିଜକୁ ସଂଗଠିତ କରିବାକୁ ହେବ ଏବଂ ଭୋଟ ଭିକାରୀ ପ୍ରବଂଚକମାନଙ୍କଠାରୁ ପ୍ରତିଶ୍ରୁତି ଆଦାୟ କରିବାକୁ ପଡିବ । ବିହାରର ମହିଳାମାନେ ଏ ଦିଗରେ ବାଟ ଦେଖାଦେଇଛନ୍ତି । ଆଗାମୀ ବର୍ଷକ ମଧ୍ୟରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ଏହା ସେମାନଙ୍କ ଲାଗି ଏକ ସୁଯୋଗ । ଦଶ ବର୍ଷର ମଦମୁକ୍ତି ଆନ୍ଦୋଳନରେ ଆମେ ଲକ୍ଷ୍ୟ କରିଛୁ ଯେ ଏହି ସଂଗ୍ରାମରେ ମହିଳାମାନେ ତ ଆଗୁଆ ହୋଇଛନ୍ତି ଓ ଲଢ଼େଇରେ ବି ସଫଳ ହୋଇଛନ୍ତି । ଆଉ ସେମାନେ ସବୁ ଗରିବ ଆଦିବାସୀ ବା ହରିଜନ ଶ୍ରେଣୀର । ଯେ ପର୍ଯ୍ୟନ୍ତ ମଧ୍ୟମ ଶ୍ରେଣୀର ଶିକ୍ଷିତ, ବିଚାରବନ୍ତ ମହିଳାମାନେ ଆନ୍ଦୋଳନରେ ନେତୃତ୍ୱ ନେଇନାହାନ୍ତି, ସେ ସମୟ ଯାଏ ଆନ୍ଦୋଳନର ତାତି ଜଣାପଡିବ ନାହିଁ । କିନ୍ତୁ ଦୁଃଖର କଥା ସେମାନଙ୍କ ନିଜ ପରିବାର, ବନ୍ଧୁବାନ୍ଧବ ଓ ପ୍ରିୟଜନଙ୍କ ପରିବାର ଏହି ମଦର ବିଷ ଚକ୍ରରେ ଘାଂଟି ହେଉଥିଲେ ମଧ ସେମାନେ ଛୋଟ ଛୋଟ ପଦପଦବୀ ଓ ଫାଇଦା ଲାଗି ମଦମୁକ୍ତି ଆନ୍ଦୋଳନ ପ୍ରତି ଉଦାସୀନ ରହୁଛନ୍ତି । ସେମାନେ ବିଭିନ୍ନ ଭ□ା ବୃଦ୍ଧି ଆଦି ଲାଗି ହଜାର ହଜାର ସଂଖ୍ୟାରେ ରାଜଧାନୀରେ ଦିନ ଦିନ ଧରି କଷ୍ଟ ସହୁଛନ୍ତି । ଏସବୁ ସାମାନ୍ୟ ଲାଭ ଠାରୁ ଯାହା ଯୋଗୁ ପରିବାର ଉଚ୍ଛନ୍ନ ହେଉଛି ତା ବିରୋଧରେ ଆଗଭର ହୁଅନ୍ତୁ । ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ଏ ଦିଗରେ ସେମାନଙ୍କ ସକ୍ରିୟ ସହଯୋଗ ଆଶା କରେ । ଓଡ଼ିଶା ମଦମୁକ୍ତ ହେଲେ ହିଁ ନାରୀ ଯଥାର୍ଥରେ ସଶକ୍ତ ହେବ, ମା'ମାନଙ୍କ ଆଖିରୁ ଲୁହ ଶୁଖିବ ଏବଂ ପିଲାଙ୍କ ମୁହଁରେ ହସ ଫୁଟିବ ।





**Neither any type nor any amount of alcohol is safe, can cause cancer: WHO**

As per WHO, there's no safe type or amount of alcohol that doesn't affect health. Alcohol can cause seven types of cancer, including bowel and female breast cancer, WHO stated. "Ethanol causes cancer...as the compound breaks down in the body, which means...any beverage containing alcohol, regardless of its price and quality, poses a risk of developing cancer," WHO's research stated.

NEWS18 ଓଡ଼ିଆ

ନ୍ୟୁଜ୍ | କରୋନା ଭାଇରସ | ଭାରତ-ଚୀନ

**ମଦ ଦାମିକା ହେଉ ବା ଶସ୍ତା ! ଏକ ବୁନ୍ଦା ନେଲେ ମଧ ହୋଇପାରେ କ୍ୟାନସର, WHOର ବଡ଼ ଖୁଲାସା**

ଏକ ଅନୁସନ୍ଧାନରେ କିଛି ଆଶ୍ଚର୍ଯ୍ୟଜନକ ବିଷୟ ସାମ୍ନାକୁ ଆସିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦାବି କରିଛି ଯେ ମଦ ଅଧିକ ପିଅନ୍ତୁ କି କମ ତାହା ବିଷାକ୍ତ ।




**ସରକାର ସାଜି ମଦ ବେପାରୀ- ଗାଁରେ ମଦୁଆ କରେ ତିଆରି**

# 'ମଦୁଆ ଅଧିକାରୀ ବଦଳରେ ରିକ୍ସାବାଲା ଜ୍ୱାଇଁ ଭଲ'

## : କୌଶଳ କିଶୋର, କେନ୍ଦ୍ର ସହରୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ



ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି): ମଦୁଆ ଅଧିକାରୀଙ୍କ ବଦଳରେ ଶ୍ରମିକ କିମ୍ବା ରିକ୍ସାବାଲାଙ୍କୁ ଜ୍ୱାଇଁ କରିବା ସବୁଠାରୁ ଭଲ ବୋଲି କେନ୍ଦ୍ର ସହରୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୌଶଳ କିଶୋର କହିଛନ୍ତି। ନିଜ ଝିଅ ଏବଂ ଭଉଣୀଙ୍କ ବିବାହ ମଦୁଆଙ୍କ ସହ ନ କରାଇବା ପାଇଁ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି। ଶନିବାର ଲମ୍ବୁଆ ବିଧାନସଭା କ୍ଷେତ୍ରରେ ଏକ ନିଶାନିବାରଣ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ମନ୍ତ୍ରୀ କହିଥିଲେ ଯେ ମଦୁଆଙ୍କ ଜୀବନକାଳ ବହୁତ କମ୍ ହୋଇଥାଏ। ମଦ ଯୋଗୁଁ ତାଙ୍କ ପୁଅ ଆକାଶ କିଶୋରର ଜୀବନ ଚାଲିଯାଇଛି। ଏଥିଯୋଗୁଁ ବୋହୂ ବିଧବା ହୋଇଯାଇଛନ୍ତି। ତେଣୁ କେବେ ବି ମଦୁଆଙ୍କ ସହ ନିଜ ଭଉଣୀ କିମ୍ବା ଝିଅର ବାହାଘର କରାନ୍ତୁ ନାହିଁ। ମଦୁଆଙ୍କ ଅପେକ୍ଷା ଶ୍ରମିକ ଏବଂ ରିକ୍ସାବାଲା ଉତ୍ତମ ପତି ହୋଇପାରିବେ। ସେ ସାଂସଦ ଏବଂ ତାଙ୍କ ପତ୍ନୀ ବିଧାୟକ ହୋଇ ମଧ୍ୟ ପୁଅକୁ ବଞ୍ଚାଇ ପାରିଲେ ନାହିଁ। ତେବେ ସାଧାରଣ ଲୋକ କ'ଣ କରିବେ ବୋଲି ପ୍ରଶ୍ନ କରିଛନ୍ତି। ସ୍ୱାଧୀନତା ଆନ୍ଦୋଳନରେ ୬.୩୨ ଲକ୍ଷ ଜୀବନ ଦେଇଥିଲେ। କିନ୍ତୁ ନିଶା ସେବନ କରି ପ୍ରତି ବର୍ଷ ୨୦ ଲକ୍ଷ ଲୋକ ପ୍ରାଣ ହରାଉଥିବା ମନ୍ତ୍ରୀ କହିଛନ୍ତି।

# ଜିଲା ସ୍ତରୀୟ ଓଡ଼ିଶା ନିଶା ନିବାରଣ ଅଭିଯାନ ସମାବେଶ

ବାରିପଦା,୨୭।୧(ନିପ୍ର): ମୟୂରଭଞ୍ଜ ଜିଲା ସ୍ତରୀୟ ମିଳିତ ନିଶା ନିବାରଣ ଅଭିଯାନ କମିଟି ପକ୍ଷରୁ ମହାରାଜପୁରରେ ଦିନିକିଆ ସମାବେଶ ଜିଲା କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ରାଜ୍ୟ ସଂଘ କମିଟିର ସଦସ୍ୟ ଅରୁଣ ଚରଣ ସାମନ୍ତ, ରମାକାନ୍ତ ମଣ୍ଡଳ ଓ ମନମୋହନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଜିଲା କମିଟି ରାଜ୍ୟ କମିଟି ଆନୁକୂଲ୍ୟରେ ଗଠନ କରାଯାଇ ଏହି କମିଟିରେ ଜିଲା ସଭାପତି ପୂର୍ବତନ ବିଧାୟକ କିଶୋର ଦାସ, ଉପ ସଭାପତି ହରିଶ ଚନ୍ଦ୍ର ନନ୍ଦ ଦେବଗୋସ୍ୱାମୀ, ରବୀନ୍ଦ୍ର ଦଣ୍ଡପାଟ ଓ ରବୀନ୍ଦ୍ର ଗିରି, ସାଧାରଣ ସମ୍ପାଦକ ମାଧବୀ ସେନାପତି, ସହ ସମ୍ପାଦକ ମନୋରଞ୍ଜନ ଜେନା ଓ ପ୍ରହ୍ଲାଦ ଦାସ,



କୋଷାଧ୍ୟକ୍ଷ ସଞ୍ଜୟ କୁମାର ପ୍ରଧାନ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଗଗନ କୁମାର ବିଶ୍ୱାଳ, ଅଶୋକ କୁମାର ମହାନ୍ତ, ସସ୍ମିତା ପତି, ବୈକୁଣ୍ଠ ବଳ, ଅନନ୍ତ ପାତ୍ର, କାଳିକେଶ୍ୱର ନାଏକ, ବିଜୟଲକ୍ଷ୍ମୀ, ଶୁଭସ୍ମିତା, ପ୍ରାଣବନ୍ଧୁ ପଲେଇ, କ୍ଷେତ୍ରମୋହନ ମହାନ୍ତ, ମୀନକେତନ ବେହେରା ଓ ରବି ନାରାୟଣ ଜେନା ପ୍ରମୁଖଙ୍କ ସହିତ ଉପଦେଷ୍ଟା ଭାବେ କୈଳାସ ଚନ୍ଦ୍ର ଅଗରୱାଲା ଓ ଆଦିତ୍ୟ କୁମାର ପଟ୍ଟନାୟକ ରହିଛନ୍ତି। ଏହି ସମାବେଶରେ ଜିଲାର ବେତନଟୀ, କପ୍ତିପଦା, ବାଙ୍ଗିରିପୋଷି, କୁଳିଆଣା, ମୋରଡ଼ା ଓ ଗୋପବନ୍ଧୁନଗରର ବ୍ଲକ ସମେତ ଅନ୍ୟାନ୍ୟ ବ୍ଲକରୁ ମଧ୍ୟ ନିଶା ନିବାରଣ ଅଭିଯାନ କମିଟିର ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଷାକ୍ତ ମଦ ନେଲା ୩୯ ଜୀବନ

## ମଦ ପିଇଲେ ମରିବ : ନୀତିଶ



ପାଟନା ୧୫/୧୨ : ବିହାରର ଛପ୍ରା ଅ□ଳରେ ବିଷାକ୍ତ ମଦ ପିଇ ୩୯ଜଣଙ୍କ ଜୀବନ ଯାଇଥିବା ବେଳେ ଅନେକ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାକୁ ନେଇ ବୁଧବାର ବିହାର ବିଧାନସଭାରେ ଶାସକ ଓ ବିରୋଧୀ ଦଳ ସଦସ୍ୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବିରୋଧୀ ଦଳ ଉପରେ ବର୍ଷିଥିଲେ।

ଗୁରୁବାର ମୃତକଙ୍କ ସଂଖ୍ୟା ୩୯ରେ ପହ□ିବା ପରେ ନିଜ ପ୍ରତିକ୍ରିୟାରେ ନୀତୀଶ କହିଥିଲେ ଯିଏ ମଦ ପିଇବ ସିଏ ମରିବ। ବିହାରରେ ମଦ ବିକ୍ରି ଉପରେ ନିଷେଧାଦେଶ ଜାରି ହୋଇଥିବା ବେଳେ କେତେକ ସ୍ଥାନରେ ବିଷାକ୍ତ ମଦ ବିକ୍ରି ହେଉଛି। ତେଣୁ ଲୋକମାନେ ସତର୍କ ରହିବା ସହ ମଦ ପିଇବା ଛାଡ଼ି ଦେବା ଉଚିତ୍। ବିଷାକ୍ତ ମଦ ପ୍ରସ୍ତୁତକାରୀଙ୍କୁ ଧରିବାକୁ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଛି। ମଦ ପ୍ରସ୍ତୁତି ଛାଡ଼ି ଅନ୍ୟ କାମଧନ୍ଦା କରିବାକୁ ସେମାନଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ବିଷାକ୍ତ ମଦ ପ୍ରସ୍ତୁତି ଏକ ଗୁରୁତର ଅପରାଧ ହୋଇଥିବାରୁ ଏଥିରୁ ସେମାନେ ବିରତ ରହିବା ଉଚିତ୍। ବିହାରରେ ୨୦୧୬ରୁ ମଦ ବିକ୍ରି ବନ୍ଦ ହୋଇଥିବା ବେଳେ ଅନେକ ଲୋକ ମଦ ପିଇବା ଛାଡ଼ି ଦେଇଛନ୍ତି। ଫଳରେ ସେମାନଙ୍କ ପରିବାର ଖୁସିରେ ଅଛନ୍ତି। ତେବେ କେତେକ ବ୍ୟକ୍ତି ବିଷାକ୍ତ ମଦ ପ୍ରସ୍ତୁତ କରି ଲୋକଙ୍କୁ ବିକୁଛନ୍ତି। ଏମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନ୍ୟ ପକ୍ଷରେ ଏହି ଘଟଣାକୁ ନେଇ ନୀତୀଶଙ୍କୁ ସମାଲୋଚନା କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂହ। ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ ଗିରିରାଜ କହିଥିଲେ ବିହାରରେ ମଦ ଉପରେ ନୀତିଶ ସରକାର ନିଷେଧାଦେଶ ଜାରି କରିଥିବା ବେଳେ ସରକାରଙ୍କ ନିର୍ଦ୍ଦେଶ ଠିକ୍ ଭାବେ ପାଳନ ହେଉନଥିବା ବିଷାକ୍ତ ମଦମୃତ୍ୟୁ ମାମଲାରୁ ସ୍ପଷ୍ଟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ନୀତିଶ ନିଜ ପଦରୁ ଇସ୍ତଫା ଦେବା ଉଚିତ୍। ସେହିପରି ମଦ ମୃତ୍ୟୁକୁ ନେଇ ଆଲୋଚନା ସମୟରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ନୀତୀଶ ବିରୋଧୀ ଦଳ ବିଧାୟକଙ୍କ ପ୍ରତି ଯେଉଁ ଶବ୍ଦର ବ୍ୟବହାର କଲେ ତାହା ଦୁର୍ଭାଗ୍ୟଜନକ ବୋଲି ଗିରିରାଜ କହିଛନ୍ତି।

# ନିଶା କାରବାର ଦେଶ ପ୍ରତି ବିପଦ ସୃଷ୍ଟି କରୁଛି : ଶାହା

[illegible]



[illegible]

# ମଦମୁକ୍ତ ରାଜନଗର ପାଇଁ ତହସିଲ ସମ୍ମୁଖରେ ଗଣଧାରଣା



[illegible]

# ନିଶା ନିବାରଣ ବିନା ନାରୀମାନଙ୍କ ଉନ୍ନତି ଓ ଦେଶର ପ୍ରଗତି ଅସମ୍ଭବ

ଯେଉଁ ଦେଶରେ ନାରୀମାନେ ସୁଖ ଓ ଶାନ୍ତିରେ ରହିଥାନ୍ତି ଦେବତାମାନେ ସେଠାକୁ ଆସିଥାନ୍ତି ବା ଦେଶର ଉନ୍ନତି ପ୍ରଗତି ଅଚିରେ ସମ୍ଭବ ହୁଏ । କାରଣ ଦେଶର ଜନସଂଖ୍ୟାର ଅର୍ଦ୍ଧାଧିକ ମହିଳାମାନେ ଶାନ୍ତିରେ ରହିବା ଯୋଗୁ ଦେଶର ପ୍ରଗତି ଓ ପରିବାର ଉନ୍ନତି ପାଇଁ କାମ କରିଥାନ୍ତି । ପକ୍ଷୀର ଦୁଇଟି ଡେଣା ବା ଶଗଡର ଦୁଇଟି ଚକ ପରି ପ୍ରତି ପରିବାରରେ ପୁରୁଷ ଓ ସ୍ତ୍ରୀ ପକ୍ଷୀର ଦୁଇଟି ଡେଣା ପରି । ସେଥିମଧ୍ୟରୁ ଗୋଟିଏ ଅଚଳ ହେଲେ ପକ୍ଷୀ ଉଡିପାରେ ନାହିଁ ଶଗଡ ଗଡିପାରେ ନାହିଁ ଏବଂ ପରିବାରର ସାମଗ୍ରିକ ପ୍ରଗତି ଅସମ୍ଭବ ହୋଇପଡେ । ବିବେକାନନ୍ଦ ଆମେରିକା ଓ ଇଉରୋପ ଭ୍ରମଣ ସମୟରେ ସେ ଦେଶର ମହିଳାମାନଙ୍କ ଶିକ୍ଷା, ସାକ୍ଷରତା ସ୍ୱାଧୀନତା ଓ ଦେଶର ପ୍ରଗତି ଦେଖି ଅଭିଭୂତ ହୋଇପଡିଥିଲେ । ନାରୀମାନଙ୍କ ଶିକ୍ଷା ଯେ ଦେଶର ସମୃଦ୍ଧି ପାଇଁ ଏକାନ୍ତ ଆବଶ୍ୟକ ତାହା ତାଙ୍କ ଓଜସ୍ୱିନି ବକ୍ତବ୍ୟ ମାଧ୍ୟମରେ ପରିପ୍ରକାଶ କରୁଥିଲେ ।

ମାତ୍ର ଆମ ଦେଶରେ ନାରୀମାନଙ୍କ ଶିକ୍ଷା ଓ ସ୍ୱାଧୀନତା ବହୁ ଭାବରେ ଅବହେଳିତ ଓ ନିମ୍ନସ୍ତରରେ । ଯେଉଁ ଦେଶର ନାରୀମାନେ ଶିକ୍ଷିତ ସେ ଦେଶ ସେତେ ଉନ୍ନତ । ନିଶା ଗ୍ରହଣ ଯୋଗୁଁ ଆମ ଦେଶର ମହିଳାମାନେ ଓ ପ୍ରତ୍ୟେକ ପରିବାର ବହୁତ ଦୁଃଖ କଷ୍ଟ ଭୋଗ କରିଥାନ୍ତି । ମଦ ଯୋଗୁଁ ପୁରୁଷମାନେ ନିଶାଶକ୍ତ ହୋଇ ମହିଳାମାନଙ୍କୁ ମାଡ ଗାଳି କରିଥାନ୍ତି ଓ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟରେ ଲିପ୍ତ ରୁହନ୍ତି । ପୁନଶ୍ଚ ନିଶାଯୋଗୁଁ ରୋଜଗାର କରୁଥିବା ଅର୍ଥକୁ ମଦ୍ୟପାନରେ ବ୍ୟୟ କରି ପରିବାରର ସଦସ୍ୟମାନଙ୍କର ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ପାଇଁ କୌଣସି ପଦକ୍ଷେପ ନେଇପାରନ୍ତି ନାହିଁ ଯାହା କି ଅବର୍ଣ୍ଣନୀୟ । ଅଧିକାଂଶ ମହିଳା ବିଶେଷ କରି ଆଦିବାସୀ ମହିଳାମାନେ ୩୦ ରୁ ୪୦ ବର୍ଷରେ ଅକାଳରେ ବିଧବା ହୋଇଥାନ୍ତି ଏବଂ ପୁରୁଷଲୋକମାନେ ରୋଗାଗ୍ରସ୍ତ ହୋଇଥାନ୍ତି । ମୃତ୍ୟୁବରଣ କରିଥାନ୍ତି ।

ଏହି ସବୁ ଦୃଷ୍ଟିରୁ ମଦକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନ୍ୟାୟମୂର୍ତ୍ତି ଟେକଚାନ୍ଦ ଓ ଜାତିର ଜନକ ମହାତ୍ମାଗାନ୍ଧି ଆହ୍ୱାନ ଦେଇଛନ୍ତି । ପୁରାଣ ଶାସ୍ତ୍ରରେ ଯଦୁବଂଶର ଧ୍ୱଂସର କାରଣ ନିଶା ଯୋଗୁ ହୋଇଥିବାର ବର୍ଣ୍ଣନା କରାଯାଇଛି । ଏହି ନିଶା ପ୍ରସାରଣ ଯୋଗୁଁ ଓଡ଼ିଶା ଏକ ଗରିବ ରାଜ୍ୟ ହୋଇ ରହି ଆସିଅଛି । ନିଶା ଯୋଗୁଁ ଓଡ଼ିଶାରେ ଘରୋଇ ହିଂସା,

**ଅର୍ଜ୍ଜୁନ ସାମନ୍ତରାୟ**
**୭୯୭୮୬୮୮୭୮୦**

ଦୁର୍ଘଟଣା, ଗଣ ବଳାତ୍କାର ରୋଗୀମାନଙ୍କର ସଂଖ୍ୟା ବଢିବାରେ ଲାଗିଛି । ପ୍ରତ୍ୟେକ ପରିବାରର ଆର୍ଥିକ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି ।

ଆମର ପଡୋଶୀ ରାଜ୍ୟ ବିହାରର ସଚେତନ ମହିଳା ସଂଗଠନଗୁଡିକ ପାରିବାରିକ ହିଂସାରୁ ମୁକ୍ତି ଓ ପରିବାର ଗୁଡିକ ଆର୍ଥିକ ଉନ୍ନତି ପାଇଁ ବିହାରର ମାନ୍ୟବର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ନିଶା ନିବାରଣ ପାଇଁ ଆଇନ ନକଲେ ଭୋଟ ଦେବେ ନାହିଁ ବୋଲି ଧମକ ଦେଇଥିଲେ । ବିହାର ସରକାର ସେତେବେଳେ ଅବକାରୀ ବିଭାଗରୁ ମାତ୍ର ଟ.୬୦୦୦ କୋଟି ଟଙ୍କା ସଂଗ୍ରହ କରୁଥିଲେ ସେହି ପରିମାଣର ଅର୍ଥ ଅନ୍ୟ ବିଭାଗରୁ ସଂଗ୍ରହ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକାର ପଦକ୍ଷେପ ନେଇଥିଲେ ଓ ସଫଳ ହୋଇଥିଲେ । **ଫଳରେ ବିହାର ରାଜ୍ୟରେ ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କଲେ ।**

ମାତ୍ର ଓଡ଼ିଶା ସରକାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଜରିଆରେ ପ୍ରତ୍ୟେକଙ୍କୁ ଦୁଇରୁ ତିନିହଜାର ଟଙ୍କା ଏବଂ ଋଣ ଆକାରରେ କିଛି ଟଙ୍କା ବିଭିନ୍ନ ନିର୍ବାଚନ ପୂର୍ବରୁ ଦେଇ ଅକ୍ଳେଶରେ ନିର୍ବାଚନ ବୈତରଣୀ ପାରି ହୋଇଥାନ୍ତି । କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟ ସରକାରମାନେ ନାନା ପ୍ରକାର ଯୋଜନା ମାଧ୍ୟମରେ ଭୋଟରମାନଙ୍କୁ ପ୍ରଭାବିତ କରିଥାନ୍ତି । ସାହା କମିଶନଙ୍କ ସୂଚନାନୁଯାୟୀ ଓଡ଼ିଶା ସରକାର ଖଣିରୁ ବାକିପଡିଥିବା ଷାଠିଏ ହଜାର କୋଟି ଟଙ୍କା ପାଇବେ । ଏହା ଛଡ଼ା ବିଭିନ୍ନ କମ୍ପାନୀମାନଙ୍କୁ ବାକି ପଡିଥିବା ହଜାର ହଜାର କୋଟି ଆଦାୟ କରିପାରିବେ । ଏସବୁ କଲେ ଅବକାରୀ ବିଭାଗରୁ ମିଳୁଥିବା ମାତ୍ର ପାଞ୍ଚହଜାର କୋଟି ଟଙ୍କାର ଆବଶ୍ୟକତା ପଡନ୍ତା ନାହିଁ । ଏହାଦ୍ୱାରା ଓଡ଼ିଶା ଭଳି ଏକ ଗରିବ ରାଜ୍ୟରେ ମଦ ପ୍ରସାରଣ ଯୋଗୁଁ ମହିଳାମାନେ ଅକାଳରେ ବିଧବା ହୁଅନ୍ତେ ନାହିଁ କି ପୁରୁଷମାନେ ଅକାଳରେ ଏତେ ସଂଖ୍ୟାରେ ରୋଗାକ୍ରାନ୍ତ ହୁଅନ୍ତେ ନାହିଁ । ତେଣୁ ଓଡ଼ିଶାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ବିହାର ଭଳି ସରକାର ଉପରେ ସେପରି ଚାପ ସୃଷ୍ଟି କରି ନିଶା ନିବାରଣ ଆଇନ ଆଣିବାକୁ ସରକାରଙ୍କୁ ବାଧ କରନ୍ତୁ । ଓଡ଼ିଶାରେ ଜନଗଣଙ୍କ ମଙ୍ଗଳ ଦୃଷ୍ଟିରୁ ସରକାର ସେପରି ଆଇନ ଆଣିପାରିବେ ନାହିଁ କାହିଁକି ?

## ନିଶା ନିବାରଣ ଅଭିଯାନ



ଚାନ୍ଦବାଲି, ୨୯/୧୧(ଭମିସ): ଚାନ୍ଦବାଲି ବ୍ଲକ ମତୋ +୨ ଜୁନିୟର କଲେଜ ଓ ମତୋ +୩ ଡିଗ୍ରି କଲେଜ ପରିସରରେ ମିଳିତ ନିଶା ନିବାରଣ ଅଭିଯାନ (ମୋନା) ତରଫରୁ ଏକ ନିଶାମୁକ୍ତ ଓଡ଼ିଶା ଗଠନ କରିବା ପାଇଁ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନିଶା ମୁକ୍ତ ସମାଜ ଗଠନ ଲକ୍ଷ୍ୟ ନେଇ ମିଳିତ ନିଶା ନିବାରଣ ଅଭିଯାନ (ମୋନା) ସଙ୍ଗଠନ ତରଫରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି। ବିଭିନ୍ନ ମଦ ବିରୋଧୀ ସ୍ଲୋଗାନ ଦେଇ ଛାତ୍ରଛାତ୍ରୀମାନଙ୍କୁ ସଂକଳ୍ପ କରାଇବା ସହ ନିଶାମୁକ୍ତ ପଂଚାୟତ, ନିଶାମୁକ୍ତ ଓଡ଼ିଶା ଓ ନିଶାମୁକ୍ତ ଭାରତ ଗଠନ କରିବା ମନ୍ତ୍ର ଛାତ୍ରଛାତ୍ରୀମାନଙ୍କୁ ଦିଆଯାଇଛି। କାର୍ଯ୍ୟକ୍ରମରେ ମିଳିତ ନିଶା ନିବାରଣ ଅଭିଯାନ(ମୋନା)ର ରାଜ୍ୟ ସଭାପତି ଖିରୋଦ୍ର ବଳ, ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ସହ ସମ୍ପାଦକ ମନମୋହନ ମିଶ୍ର, ଚାନ୍ଦବାଲି ବ୍ଲକ ସମ୍ପାଦକ ଲକ୍ଷ୍ମୀଧର ପାଣିଗ୍ରାହୀ, +୨ କଲେଜ ଅଧ୍ୟକ୍ଷ ପ୍ରସନ୍ନ ମହାରଣା ଓ +୩ ଡିଗ୍ରି କଲେଜ ଅଧ୍ୟକ୍ଷ ବିଭୂତି ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ନିଶା ଠାରୁ ଦୂରେଇ ରହିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। କଲେଜର କର୍ମଚାରୀ ସହଯୋଗ କରିଥିଲେ।

## ମଦମୁକ୍ତି ଯୁବବାହିନୀ ତରଫରୁ ବିଡ଼ିଓଙ୍କୁ ସ୍ମାରକପତ୍ର



କେନ୍ଦ୍ରାପଡ଼ା(ପିପିଏସ୍): ପବିତ୍ର ଗାନ୍ଧୀ ଜୟନ୍ତୀରେ ମଦମୁକ୍ତି ଯୁବବାହିନୀ ତରଫରୁ ରାଜ୍ୟରୁ ମଦ ବ୍ୟବସାୟ ଉଚ୍ଛେଦ ଦାବିରେ ଏକ ସ୍ମାରକପତ୍ର କେନ୍ଦ୍ରାପଡ଼ା ବିଡିଓଙ୍କୁ ପ୍ରଦାନ କରାଯାଇଛି । ମଦମୁକ୍ତ ଯୁବ ବାହିନୀର କେନ୍ଦ୍ରୀୟ କମିଟି ସଦସ୍ୟ ପ୍ରିୟନାଥ ଆଚାର୍ଯ୍ୟ ଓ କାର୍ଯ୍ୟ କାରିଣୀ କମିଟି ସଦସ୍ୟ ଇଲାତେନ୍ଦୁ ପାତ୍ରଙ୍କ ନେତୃତ୍ୱରେ ସଦସ୍ୟମାନେ ମହାତ୍ମାଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ରାଜ୍ୟରୁ ମଦ ବ୍ୟବସାୟ ଉଚ୍ଛେଦ ଦାବିରେ ନାରା ଦେଇଥିଲେ । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏ ସମ୍ବଳିତ ଏକ ସ୍ମାରକପତ୍ର କେନ୍ଦ୍ରାପଡା ବିଡିଓ ସନ୍ତୋଷ କୁମାର ପତିଙ୍କୁ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର କଟକ ଜିଲ୍ଲା ସଭାପତି ଅସିତ ରାଉତଙ୍କ ସହ ବହୁ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ମଦ ନିଗମର ଲାଭ ରାଜ୍ୟର ଲାଭ କି?

ପୂର୍ଣ୍ଣେନ୍ଦୁ କର

କହିପାରିବେ କି ଏମିତି ବେପାରଟିଏ ଅଛି, ଯେଉଁଥିରେ ପ୍ରାୟତଃ ବାକି କାରବାର ହୁଏନାହିଁ, ନଗଦ କାରବାର ହୁଏ, ଟଙ୍କା ଆଦାୟ ପାଇଁ କିଛି ଝଗଡ଼ା ନାହିଁ, ଦୋକାନ ଆଗରେ ଲୋ ଲାଗୁ ନାହିଁ, ଗରାଖଙ୍କୁ ଦର ଉଣା କରି କହିଲେ ବି ଗରାଖ ଅଭାବ ହୁଅନ୍ତି ନାହିଁ, ଖୁଚୁରା ପେମେଣ୍ଟକୁ ନଥିଲେ ବି ଗରାଖ ମନଦୁଃଖ କରନ୍ତି ନାହିଁ, ଏବଂ ସମସ୍ତ ଗରାଖ ଜିନିଷ କିଣିଲା ବେଳେ ଭଦ୍ରୋଚିତ ବ୍ୟବହାର କରନ୍ତି? ତା'ର ଉତ୍ତରଟି ହେଲା ମଦ ବେପାର। ଏହି ପୃଷ୍ଠଭୂମିରେ ଆମ ରାଜ୍ୟରେ ମଦ କାରବାର ଉପରେ ଏକ ଆଲୋଚନା କରାଯାଉ। ପୁଣି ଆଉ ଏକ ବିଶେଷ କଥା ହେଲା, ଆମ ରାଜ୍ୟର ଅନ୍ୟାନ୍ୟ ନିଗମମାନେ ପଛୁଆ ଥିବା ବେଳେ ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟର ମଦ ନିଗମ କିଭଳି ଅଧିକ ଭଲ ବ୍ୟବସାୟ କରୁଛି!

ଓଡ଼ିଶା ମଦ ନିଗମ ଚାରି ପ୍ରକାର ମଦରେ କାରବାର କରିଥାଏ, ଯଥା: ଦେଶୀ ମଦ, ବିଦେଶରେ ତିଆରି ବିଦେଶୀ ମଦ, ଆମ ଦେଶରେ ତିଆରି ବିଦେଶୀ ମଦ ଓ ବିୟର। ବ୍ୟବସାୟ ପରିଚାଳନା ପାଇଁ ଅନୁଗୁଳ, ବାଲେଶ୍ୱର, ବ୍ରହ୍ମପୁର, ବଲାଙ୍ଗିର, କେଶିଙ୍ଗା, ଖୋର୍ଦ୍ଧା, ନିର୍ଗୁଣ୍ଡି-କଟକ, ରାୟଗଡ଼ା ଓ ସମ୍ବଲପୁର ଠାରେ ସମୁଦାୟ ନଅଟି ଡିପୋ ରହିଛି। ଏବେ ଓଡ଼ିଶାରେ ସମୁଦାୟ ୬୩୦୬ଟି ସରକାରୀ ମଦ ଦୋକାନ ଅଛି। ବିଗତ ୫ ବର୍ଷରେ ମଦ ଦୋକାନ ଖୋଲିବାକୁ ଦିଆଯାଇଥିବା ଲାଇସେନ୍ସ ଅତି କ୍ଷିପ୍ର ବେଗରେ ବଢ଼ିଛି। ତଥ୍ୟ ହିସାବରେ ୨୦୨୦ ଅପ୍ରେଲ ସୁଦ୍ଧା ଓଡ଼ିଶାରେ ୧୦୮୧ଟି ଠିପି ବନ୍ଦ ମଦ ଦୋକାନକୁ ଲାଇସେନ୍ସ ଦିଆଯାଇଛି। କିନ୍ତୁ ମଦ ପଡ଼ିଲା ୨୦୨୧ରୁ ୨୦୨୨ ଭିତରେ ବିଦେଶୀ ଠିପି ବନ୍ଦ ବିଦେଶୀ ମଦ ଏବଂ ଦେଶୀ ମଦ ପାଇଁ ୧୨୯୮ଟି ନୂଆ ଲାଇସେନ୍ସ ଦିଆଯାଇଛି। ଆଗରୁ ସମୁଦାୟ ଯେତିକି ଲାଇସେନ୍ସ ଦିଆଯାଇଥିଲା ତା'ଠାରୁ ଅଧିକ ଲାଇସେନ୍ସ ଏଇ ବିଗତ ଦେଢ଼ ବର୍ଷରେ ଦିଆଯାଇଛି। ଫଳ ସ୍ୱରୂପ ଆଗରୁ ମଦ ପାଇଁ ଜିଲ୍ଲା ସଦରମହକୁମାକୁ ଯାଉଥିବା ଲୋକେ ଏବେ ପଞ୍ଚାୟତ ଭିତରେ ଲାଇସେନ୍ସ ପ୍ରାପ୍ତ ଦୋକାନରୁ ମଦ ପାଇ ଯାଉଛନ୍ତି। ତୁଳନାତ୍ମକ ଭାବେ ଅନ୍ୟ ରାଜ୍ୟର ମଦ ନିଗମର ରାଜସ୍ୱ ୬-୭% ହାରରେ ବୃଦ୍ଧି ପାଉଥିଲା ବେଳେ ବିଗତ ୧୦ ବର୍ଷର ତଥ୍ୟ ଦେଖିଲେ ଜଣାପଡ଼େ ଯେ ଓଡ଼ିଶା ମଦ ନିଗମର ରାଜସ୍ୱ ବାର୍ଷିକ ୧୫-୧୭% ହାରରେ ବୃଦ୍ଧି ପାଉଛି। ୨୦୨୦ରେ ନିଗମର ରାଜସ୍ୱ ଥିଲା ୫,୧୫୨ କୋଟି ଏବଂ ଲାଭ ଥିଲା ୨୫ କୋଟି। କରୋନା ବେଳେ ୨୦୨୧ ମସିହାରେ ମଦ କାରବାର ଖୁବ୍ ବାଧାପ୍ରାପ୍ତ ହୋଇଥିଲା। ତଥାପି ୨୦୨୧ରେ ନିଗମର ରାଜସ୍ୱ ଥିଲା ୩,୯୨୨ କୋଟି ଏବଂ ଲାଭ କରିଥିଲା ୨୧ କୋଟି, ଅର୍ଥାତ୍ ବ୍ୟବସାୟରେ ବିଘ୍ନ ଘଟିବା ସତ୍ତ୍ୱେ ନିଗମ ଲାଭ କରିଥିଲା। ଏହାର ଏକ କାରଣ ଥିଲା, ଏହି ସମୟରେ ନିଗମ ଦ୍ୱାରା ମଦର ଦାମକୁ ବୃଦ୍ଧି କରାଯାଇଥିଲା। ଏହା ସତ ଯେ ଦର ବୃଦ୍ଧି ପାଇଲେ ମଧ୍ୟ ନିଶାସକ୍ତ ଲୋକେ ତାହା କ୍ରୟ କରିବାକୁ କୁଣ୍ଠା ପ୍ରକାଶ କରନ୍ତି ନାହିଁ। ସୁତରାଂ, ଓଡ଼ିଶା ମଦ ନିଗମ ପକ୍ଷରୁ ଏହି ମନସ୍ତତ୍ତ୍ୱର ଉପଯୁକ୍ତ ଉପଯୋଗ କରାଯାଇଥିଲା।

ଏହା ସତ ଯେ ମଦ ବିକ୍ରିରୁ ଓଡ଼ିଶାର ରାଜସ୍ୱ ବୃଦ୍ଧି ପାଉଛି, କିନ୍ତୁ ମଦ୍ୟପାନ ଜନିତ ରୋଗ ସକାଶେ ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକ ଖର୍ଚ୍ଚ କରୁଛନ୍ତି।

ଓଡ଼ିଶା ମଦ ନିଗମର ବ୍ୟବସାୟ ସମ୍ବନ୍ଧୀୟ ଏକ ତଥ୍ୟ କହିଥାଏ ଯେ ଓଡ଼ିଶାରେ ଦେଶୀ ମଦର ବିକ୍ରି ଦିନକୁ ଦିନ ହାରାହାରି ୨୧% ହାରରେ କମିବାକୁ ଲାଗିଛି ଏବଂ ବିଦେଶୀ ମଦର ବିକ୍ରି ପରିମାଣ ପାଖାପାଖି ୮-୧୨% ହାରରେ ବଢ଼ିବାକୁ ଲାଗିଛି। ଅର୍ଥାତ୍ ଦେଶୀ ମଦ ପିଉଥିବା ଲୋକେ କ୍ରମେ ବିଦେଶୀ ମଦ ପିଇବା ଅଭ୍ୟସ୍ତ ହେଉଛନ୍ତି। ସୁତରାଂ, ଗରିବ ଲୋକେ ମଦରେ ଅଧିକ ବ୍ୟୟ କରିବା ସହିତ ସର୍ବସ୍ୱାନ୍ତ ହେଉଛନ୍ତି। ଅନେକ କହନ୍ତି




ସରକାରୀ ତଥ୍ୟ ଅନୁସାରେ ମଦ ପିଇ ଗାଡ଼ି ଚଳାଇବା କାରଣରୁ ହେଉଥିବା ଦୁର୍ଘଟଣାର ସଂଖ୍ୟା ୨୦୧୫ରୁ ଆଜି ଯାଏଁ ହାରାହାରି ୨୫% ହାରରେ ବଢ଼ିଛି, ଯେଉଁଠି ମଦ ବନ୍ଦ କରିଥିବା ରାଜ୍ୟ ଗୁଜରାଟ ଓ ବିହାରରେ ତାହା ହାରାହାରି ୫୫-୬୦% ପ୍ରତିଶତ ହାରରେ କମୁଛି। ସେମିତି ୨୦୧୧-୧୨ରେ ଓଡ଼ିଶା ସରକାରଙ୍କର ସ୍ୱାସ୍ଥ୍ୟ ଜନିତ ଖର୍ଚ୍ଚ ସରକାରଙ୍କର ସମୁଦାୟ ଖର୍ଚ୍ଚର ୩.୩% ଥିଲାବେଳେ ୨୦୨୧ ସୁଦ୍ଧା ତାହା ୫.୫%ରେ ପହଞ୍ଚିଲାଣି। ଏହାର ଗୋଟିଏ କାରଣ ମାତ୍ରାଧିକ ମଦ୍ୟପାନ ଜନିତ ସ୍ୱାସ୍ଥ୍ୟ ସମସ୍ୟା।

ଯେ ସରକାର ଚୌହଦିମାନଙ୍କୁ ଦେଉଥିବା ଟଙ୍କିଆ ବା ମାଗଣା ଚାଉଳକୁ କିଛି ଲୋକ ଖୋଲା ବଜାରରେ ବିକ୍ରି କରି ସେହି ପଇସାରେ ମଦ ପିଇ ଦେଉଛନ୍ତି। ଏହା ଏକ ସାଂଘାତିକ ସ୍ଥିତି। ଏହା ମଧ୍ୟ ସତ୍ୟ ନୁହେଁ ଯେ ମଦ କାରବାରରୁ ଆସୁଥିବା ରାଜସ୍ୱ ବନ୍ଦ ହୋଇଗଲେ ଓଡ଼ିଶା ଚଳି ପାରିବ ନାହିଁ। ବିହାର ଏବଂ ଗୁଜରାଟ ମଦ ନିଷେଧ କରିବା ପରେ ମଧ୍ୟ ଚଳି ପାରିଛନ୍ତି। ଏହି ରାଜସ୍ୱ କ୍ଷତିର ଭରଣା ଅନ୍ୟ ଉପାୟରେ କରାଯାଇପାରେ। ଉଦାହରଣ ସ୍ୱରୂପ ଅନେକ ରାଜ୍ୟର ମ୍ୟୁନିସିପାଲିଟିର ରାଜସ୍ୱ ଯେତିକି ହାରରେ ବଢ଼ୁଛି, ଆମ ରାଜ୍ୟର ସେତିକି ହାରରେ ବଢ଼ୁନାହିଁ। ବିଗତ ପାଞ୍ଚ ବର୍ଷର ତଥ୍ୟ ଦେଖିଲେ ଆମ ରାଜ୍ୟରେ ଭୁବନେଶ୍ୱର ମ୍ୟୁନିସିପାଲିଟିକୁ ଛାଡ଼ିଦେଲେ ଅନ୍ୟ ୪ଟି ମ୍ୟୁନିସିପାଲିଟି ସବସିଡି ଏବଂ ଗ୍ରାଣ୍ଟ ପାଇଲା ପରେ ମଧ୍ୟ କ୍ଷତିରେ ଚାଲିଛନ୍ତି। ଏପରିକି ଭୁବନେଶ୍ୱର ମ୍ୟୁନିସିପାଲିଟି ୨୦୧୬, ୨୦୧୭ ଏବଂ ୨୦୨୦ରେ କ୍ଷତିରେ ଥିଲା। ଏଣେ ଗୁଜରାଟର ସମୁଦାୟ ୮ଟି ମ୍ୟୁନିସିପାଲିଟିରୁ ୭ଟି ଲାଭରେ ଚାଲିଛି। ପ୍ରକାଶ ଥାଉ କି ଦେଶର ଅନେକ ମ୍ୟୁନିସିପାଲିଟିର କାର୍ଯ୍ୟଦକ୍ଷତା ଉପରେ ଭରସା କରି ଲୋକମାନେ ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ପଇସା ଲଗାଉଛନ୍ତି। ଦ୍ୱିତୀୟରେ ରାଜ୍ୟରେ ଜମି କିଣାବିକାର ହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି, କିନ୍ତୁ ରାଜ୍ୟ ସରକାରଙ୍କର ବଜେଟ ଜନିତ ତଥ୍ୟ ମୁତାବକ 'ଷ୍ଟାମ୍ପ ରେଭେନ୍ୟୁ' ବିଗତ ୨ ବର୍ଷ ହେଲାଣି ୧୬% ହାରରେ କମିଛି। ଓଡ଼ିଶାର 'ଜିଏସଟି'ରୁ ରାଜସ୍ୱ ୨୦୧୯-୨୦ରେ ୧୩,୨୦୪ କୋଟି ଥିଲା ବେଳେ, ୧% ଖସି ଆସି ୨୦୨୦-୨୧ରେ ତାହା ୧୩,୦୪୩ କୋଟି ହୋଇଥିଲା। ଏହି କ୍ଷେତ୍ରରେ ମଧ୍ୟ ରାଜ୍ୟର ରାଜସ୍ୱ ବଢ଼ିପାରିବ। କିନ୍ତୁ ଏ ସବୁ ଛାଡ଼ି ଓଡ଼ିଶା ମଦ ବେପାରରୁ ରାଜସ୍ୱ ଯୋଗାଡ଼ କରିବାରେ ଆଗଭର। ମଦ ବ୍ୟବସାୟରେ ଲାଭ ମାତ୍ର ୧% ରୁ ୨%, କିନ୍ତୁ ଯଦି ରତ୍ନ ପଥର, କପଡ଼ା, ଶାଢ଼ି, ଖଣିଜ ଦ୍ରବ୍ୟ, ଫ୍ଲୋରିକଲଚର, ସୁଗନ୍ଧିତ ଇତ୍ୟାଦି ବ୍ୟବସାୟର ବୃଦ୍ଧି ଘଟା ଯାଆନ୍ତା, ତେବେ ସେଥିରୁ ଜିଏସଟି ରାଜସ୍ୱ ମଦରୁ ଆସୁଥିବା ରାଜସ୍ୱ ଠାରୁ କେତେ ଗୁଣ ଅଧିକ ହୁଅନ୍ତା।

୨୦୧୬ ମସିହାରେ ବିହାର ସରକାର ମଦ ନିଷେଧ କରିଥିଲେ। ସେହିପରି ଗୁଜରାଟ ସରକାର ୧୯୬୦ରୁ ମଦ ନିଷେଧ କରିଛନ୍ତି। ନାଗାଲାଣ୍ଡ ୧୯୮୯ରୁ ମଦ ବନ୍ଦ କରିଛି। 'ଏଡିଆରଆଇ'ର ରିପୋର୍ଟ ଅନୁସାରେ, ୨୦୧୬ରୁ ବିହାରରେ ମଦ ବନ୍ଦ କରିବା ପରଠୁ ସାଧାରଣ ଜନତା ମଦ ଉପରେ ଯେଉଁ ଟଙ୍କା ଖର୍ଚ୍ଚ କରୁଥିଲେ, ତାହା ଏବେ ଶାଢ଼ି, ପିନ୍ଧା ବସ୍ତ୍ର ଏବଂ ଘର କରିବା ଇତ୍ୟାଦିରେ ପୂର୍ବ ତୁଳନାରେ ଅଧିକ ପରିମାଣରେ ବ୍ୟୟ କରୁଛନ୍ତି। ତଥ୍ୟ ମୁତାବକ ମଦ ବନ୍ଦ ହେବା ପରେ ବିହାରରେ ସାଧାରଣ ଜନତାଙ୍କର କ୍ଷୀର ଖର୍ଚ୍ଚ ୨୮%, ମହୁ ଖର୍ଚ୍ଚ ୩୮୦%, ଦହି ଖର୍ଚ୍ଚ ୩୦୦% ଏବଂ ପିନ୍ଧା ବସ୍ତ୍ର ଏବଂ ଘର ମରାମତି କରିବା ଖର୍ଚ୍ଚ ଇତ୍ୟାଦିରେ ୧୯% ବୃଦ୍ଧି ପାଇଛି। ମଦ ବନ୍ଦ ଯୋଗୁଁ ଡକାୟତି ଏବଂ ହତ୍ୟା ଯଥାକ୍ରମେ ୬୫% ଏବଂ ୨୮% ହାରରେ ହ୍ରାସ ପାଇଛି। ଓଡ଼ିଶାର କ୍ଷୀର ବେପାର କାରବାର ଓମ୍ଫେଡ୍ ନିମ୍ନଗାମୀ ହେଉଛି। ଓଡ଼ିଶାରେ ବାର୍ଷିକ କ୍ଷୀର ଉତ୍ପାଦନ ମାତ୍ର ହାରାହାରି ୮%। ଦିନକୁ ମୁଣ୍ଡପିଛା କ୍ଷୀର ବ୍ୟବହାର ଯୋଗାଣ ୨୦୧୩ରେ ୧୨୩ ଗ୍ରାମ ଥିଲା ବେଳେ ଏବେ ସାମାନ୍ୟ ବଢ଼ି ମାତ୍ର ୧୩୬ ଗ୍ରାମରେ ପହଞ୍ଚିଛି। କିନ୍ତୁ ମଦ ବେପାର ୧୫% ହାରରେ ବୃଦ୍ଧି ପାଉଛି। ପାର୍ଲିଆମେଣ୍ଟର ପ୍ରଶ୍ନୋତ୍ତରରୁ ମିଳିଥିବା ତଥ୍ୟ ଅନୁସାରେ ଓଡ଼ିଶାରେ ବିଗତ ୫ ବର୍ଷରେ ମଦ ମୃତ୍ୟୁ ହାର ବଢ଼ିଛି। ତୁଳନାତ୍ମକ ଭାବେ ପଶ୍ଚିମବଙ୍ଗ, ଛତିଶଗଡ଼, ବିହାର ଓ ଗୁଜରାଟରେ ମଦ ମୃତ୍ୟୁ କମିଛି। ସରକାରୀ ତଥ୍ୟ ଅନୁସାରେ ମଦ ପିଇ ଗାଡ଼ି ଚଳାଇବା କାରଣରୁ ହେଉଥିବା ଦୁର୍ଘଟଣାର ସଂଖ୍ୟା ୨୦୧୫ରୁ ଆଜି ଯାଏଁ ହାରାହାରି ୨୫% ହାରରେ ବଢ଼ିଛି, ଯେଉଁଠି ମଦ ବନ୍ଦ କରିଥିବା ରାଜ୍ୟ ଗୁଜରାଟ ଓ ବିହାରରେ ତାହା ହାରାହାରି ୫୫- ୬୦% ପ୍ରତିଶତ ହାରରେ କମୁଛି। ସେମିତି ୨୦୧୧-୧୨ରେ ଓଡ଼ିଶା ସରକାରଙ୍କର ସ୍ୱାସ୍ଥ୍ୟ ଜନିତ ଖର୍ଚ୍ଚ ସରକାରଙ୍କର ସମୁଦାୟ ଖର୍ଚ୍ଚର ୩.୩% ଥିଲାବେଳେ ୨୦୨୧ ସୁଦ୍ଧା ତାହା ୫.୫%ରେ ପହଞ୍ଚିଲାଣି। ଏହାର ଗୋଟିଏ କାରଣ ମାତ୍ରାଧିକ ମଦ୍ୟପାନ ଜନିତ ସ୍ୱାସ୍ଥ୍ୟ ସମସ୍ୟା।

ତେଣୁ କହିବାକୁ ଭୁଲ ହେବ ନାହିଁ ଯେ ଆମ ରାଜ୍ୟରେ ମଦ କାରବାରକୁ ବନ୍ଦ କରିବା ନେଇ ବା ଏ ସମ୍ପର୍କରେ ବିକଳ୍ପ ଚିନ୍ତନ ଲାଗି ସମୟ ଉପନୀତ ହୋଇଛି। କାରଣ ମଦ ନିଗମର ଲାଭ ରାଜ୍ୟର ସମୂହ ହିତ ଦୃଷ୍ଟିରୁ ଲାଭଦାୟକ ବୋଲି କହି ହେବ ନାହିଁ।

ମୋ: ୯୭୯୧୧୨୧୦୬୮

## "ମୋନା" ରାଜ୍ୟ କମିଟିର କର୍ମକର୍ତ୍ତାବୃନ୍ଦଙ୍କୁ ଯୋଗାଯୋଗ ନିମନ୍ତେ ନିମ୍ନୋକ୍ତ ଫୋନ୍ ନମ୍ବର ଦିଆଗଲା

| | | |
|---|---|---|
| ସଭାପତି | ଶ୍ରୀଯୁକ୍ତ ପଦ୍ମଚରଣ ନାୟକ | ୯୯୩୮୮୯୩୪୪୫ |
| କାର୍ଯ୍ୟକାରୀ ସଭାପତି | ଶ୍ରୀ କାହ୍ନୁଚରଣ ବେହୁରା | ୯୪୩୯୦୪୪୩୬୪ |
| ଉପସଭାପତି | ପ୍ରଫେ.ଡଃ ଅଦ୍ୱୈତ କୁମାର ପାତ୍ର | ୯୪୩୯୧୭୫୭୪୩ |
| ଉପସଭାପତି | ପ୍ରଫେ. ଡଃ ବିଜୟ କୁମାର ସ୍ୱାଇଁ | ୯୪୩୭୦୫୫୦୫୮ |
| ଉପସଭାପତି | ଶ୍ରୀ ଅର୍ଜୁନ ସାମନ୍ତରାୟ | ୭୯୭୮୬୮୮୭୮୦ |
| ଉପସଭାପତି | ଶ୍ରୀ ଖଗେଶ୍ୱର ବଳ | ୯୯୩୭୧୨୭୨୮୯ |
| ଉପସଭାପତି | ସୁଶ୍ରୀ କବିତାରାଣୀ ପରିଡ଼ା | ୯୪୩୯୫୬୯୦୬୬ |
| ମହାସଚିବ | ଶ୍ରୀ ଗିରିଜା ପ୍ରସାଦ ନାୟକ | ୯୯୩୭୧୯୪୪୫୧ |
| ସଚିବ (ସାଧାରଣ) | ଶ୍ରୀ ରମାକାନ୍ତ ମଣ୍ଡଳ | ୯୪୩୭୬୬୯୪୧୨ |
| ସଚିବ (ସଂଗଠନ) | ଶ୍ରୀ ମନମୋହନ ମିଶ୍ର | ୭୦୭୭୯୫୭୦୪୬ |
| ସଚିବ (ମହିଳା ଶାଖା) | ଶ୍ରୀମତୀ ଅପର୍ଣ୍ଣା ନାୟକ | ୮୭୬୩୬୬୯୫୭୨ |
| ସଚିବ (ସାମାଜିକ ଗଣମାଧ୍ୟମ) | ଶ୍ରୀ ମଧୁସୂଦନ ମିଶ୍ର | ୯୪୩୮୫୯୦୬୪୧ |
| ସଚିବ (କାର୍ଯ୍ୟାଳୟ) | ଶ୍ରୀ ଶୁଭେନ୍ଦୁ କୁମାର ରାଉତରାୟ | ୯୪୩୭୧୦୭୪୨୭ |
| ସଚିବ (ପ୍ରକାଶନ) | ଶ୍ରୀ କୈଳାସ ଚନ୍ଦ୍ର ମଲ୍ଲିକ | ୯୮୬୧୬୨୦୧୦୫ |
| ସଚିବ (ସଂଗଠନ) | ଶ୍ରୀମତୀ ତପସ୍ୱିନୀ କର | ୯୯୩୮୨୪୫୩୫୦ |
| ସଚିବ (ସଂଗଠନ) | ଶ୍ରୀମତୀ ପାର୍ବତୀ ନାଏକ | ୯୪୩୭୨୭୫୫୪୪ |
| କୋଷାଧ୍ୟକ୍ଷ | ଶ୍ରୀ ପ୍ରିୟନାଥ ଆଚାର୍ଯ୍ୟ | ୭୭୫୦୯୫୧୩୯୭ |
| ଆକାଉ□□ | ଶ୍ରୀମତୀ ଇନ୍ଦୁମତୀ ସାହୁ | ୮୮୯୫୨୧୦୪୨୨ |

ପ୍ରକାଶକ : ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ (ମୋନା)
ପ୍ଲଟ ନଂ: ୮୫୩/୧୪୩୧, ପ୍ରଗତି ନର୍ସିଂହୋମ (୨ୟ ମହଲା),
ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା
e-mail : monnaodisha@gmail.com,
web : www.monnaodisha.org

ଆମର ସଂକଳ୍ପ
ମଦମୁକ୍ତ
ଓଡ଼ିଶା

ମୁଖ୍ୟ ସମ୍ପାଦକ : ପଦ୍ମଚରଣ ନାୟକ (ମୋ: ୯୯୩୮୮୯୩୪୪୫)
ଏହି ସଂଖ୍ୟାର କାର୍ଯ୍ୟକାରୀ ସମ୍ପାଦନା ମଣ୍ଡଳୀ :
ସର୍ବଶ୍ରୀ କୈଳାସ ଚନ୍ଦ୍ର ମଲ୍ଲିକ, ପ୍ରିୟନାଥ ଆଚାର୍ଯ୍ୟ, ମଳୟ କୁମାର ତ୍ରିପାଠୀ, ଅର୍ଜୁନ ସାମନ୍ତରାୟ
ଯୋଗଯୋଗ : ୯୮୬୧୬୨୦୧୦୫, ୯୪୩୮୦୦୫୫୩୩, ୯୦୪୦୭୩୩୧୦୭, ୭୯୭୮୬୮୮୭୮୦